## କାଡ଼ା ବିଭାଗ ଓ ପାଣି ପଞ୍ଚାୟତର ସଲାସୁତୁରା

# ମାଟି-କୁଟା ମିଶା ଗୋଡ଼ିରେ ଚାଲିଛି ଢଳେଇ

- ନାହିଁ ସୂଚନାଫଳକ, ବିଭାଗୀୟ ଅଧିକାରୀଙ୍କ ଦେଖା ମିଳୁନି
- ନିମ୍ନମାନର କାର୍ଯ୍ୟ ପାଇଁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ମାହାଙ୍ଗା,୧୮।୧(ସମିସ): ଚାଷୀଙ୍କ କ୍ଷେତକୁ ଜଳସେଚନର ସୁବିଧା ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ କାଡ଼ା ବିଭାଗ ଜରିଆରେ ଜାଡ଼ା ନାଳିର ପୁନରୁଦ୍ଧାର କାର୍ଯ୍ୟ କରୁଛନ୍ତି । ମାତ୍ର କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଗୌଡ଼ପଡ଼ାଠାରେ ଏହି ଯୋଜନା ଏବେ ଦୁର୍ନୀତିର ପେଣ୍ଠସ୍ଥଳ ପାଲଟିଛି । ବିଭାଗୀୟ ଅଧିକାରୀ ଏବଂ ପାଣି ପଞ୍ଚାୟତର ଠିକାଦାରଙ୍କ ସଲାସୁତରାରେ ଅତି ନିମ୍ନମାନର କାର୍ଯ୍ୟ ଚାଲିଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ଗଙ୍ଗେଶ୍ୱର ପାଣି ପଞ୍ଚାୟତ ଅଧୀନରେ ଚାଲିଥିବା ଏହି ନିର୍ମାଣ କାର୍ଯ୍ୟରେ କୌଣସି ନିୟମ ପାଳନ କରାଯାଉନାହିଁ । ଢଳେଇ କାର୍ଯ୍ୟରେ ମାଟି, କୁଟା ଓ କାଠି ମିଶ୍ରିତ ଗୋଡ଼ି ବ୍ୟବହାର କରାଯାଉଥିବା ବେଳେ ଚିପ୍ସ ସହିତ ବଡ଼ ବଡ଼ ମେଟାଲ୍ ମିଶାଯାଉଛି ।



ସିମେଣ୍ଟ ଓ ବାଲିର ଅନୁପାତ ଠିକ୍ ରହୁ ନ ଥିବାରୁ ଏହି ନାଳିର ସ୍ଥାୟିତ୍ୱ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ, ଯାହାଦ୍ୱାରା ପ୍ରକଳ୍ପର ବ୍ୟୟ ଅଟକଳ କେତେ ତାହା ଜନସାଧାରଣ ଜାଣିପାରୁନାହାନ୍ତି । ନିର୍ମାଣ ସମୟରେ ବିଭାଗୀୟ କର୍ମଚାରୀ କିମ୍ବା ଯନ୍ତ୍ରୀ ଉପସ୍ଥିତ ରହୁ ନ ଥିବାରୁ ଠିକାଦାର ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରୁଛନ୍ତି । ଏ ସମ୍ପର୍କରେ ସାଲେପୁର କାଡ଼ା ବିଭାଗ ସହକାରୀ ଯନ୍ତ୍ରୀ ଶୁଭଲକ୍ଷ୍ମୀ ମହାପାତ୍ରଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଚାଷୀ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଆଠଗଡ଼,୧୮।୧(ସମିସ): ଖୁଣ୍ଟୁଣୀ-ନରସିଂହପୁର ୬୫ ନଂ ରାଜ୍ୟ ରାଜପଥର ଆଙ୍କୁଲା ରାସ୍ତାରେ ଚାଲି ଚାଲି ଯାଉଥିବା ପଥଚାରୀଙ୍କର ମୋଟର ସାଇକଲ ଧକ୍କାରେ ମୃତ୍ୟୁ ଘଟିଛି । ସେ ହେଉଛନ୍ତି ଆଠଗଡ଼ ଥାନା ଅନ୍ତର୍ଗତ ରାଧାବଲ୍ଲଭପୁର ନିବାସୀ ମହେନ୍ଦ୍ର ସ୍ୱାଇଁ । ମହାଧରପୁରଠାରୁ ନିଜ ଗ୍ରାମ ରାଧାବଲ୍ଲଭପୁରକୁ ଯାଉଥିବା ସମୟରେ ବିପରୀତ ଦିଗରୁ ଏକ ମୋଟରସାଇକଲ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାକୁ ନେଇଯାଇଥିଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସ୍ୱର୍ଗତ ସ୍ୱାଇଁ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପ୍ରିୟଭାଜନ ଥିଲେ । ତାଙ୍କ ମୃତ୍ୟୁଖବର ପାଇ ଗ୍ରାମର ତଥା ଆଖପାଖ ଅଞ୍ଚଳର ଶତାଧିକ ବ୍ୟକ୍ତି ଡାକ୍ତରଖାନାରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଖବରପାଇ ପୁଲିସ ଘଟଣାସ୍ଥଳ ଓ ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ । ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା । ଗ୍ରାମ ଶ୍ମସାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

## ବିଦ୍ୟାଳୟରେ ରଜତ ଜୟନ୍ତୀ ସମାରୋହ ଉଦ୍‌ଘାଟିତ



ନିଆଳି,୧୮।୧(ସମିସ): ନିଆଳି ବ୍ଲକ୍ ବାହାରଣା ପଞ୍ଚାୟତ ବରିମୁଣ୍ଡେଇ ମହାବୀର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରସଂସଦ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ସମୂହଙ୍କ ଆୟୋଜନରେ ବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ ରବିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି । ପ୍ରାତଃରୁ ମହାବୀରଙ୍କ ପୂଜନ ସହ ବିଦ୍ୟାଳୟ ପରିସରରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିଲା । ପୁରାତନ ଛାତ୍ରସଂସଦର ସଭାପତି ଇନ୍ଦ୍ରମଣି ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ଓଡିଶା ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ପୂର୍ଣ୍ଣ ଉତ୍କଳର ପ୍ରତିଷ୍ଠାତା ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗଗନ ବିହାରୀ ରାଉତ, ବିଜେପିର ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପଣ୍ଡା ଓ ସମାଜସେବୀ ଶଶୀକାନ୍ତ ଲେଙ୍କା ଯୋଗଦେଇଥିଲେ । ପୁରାତନ ଛାତ୍ରସଂସଦର ସଂପାଦକ ବିଜୟରାମ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ ମହେନ୍ଦ୍ରନାଥ ରାଉତ ବିବରଣୀ ପାଠ କରିଥିଲେ । ଏହି ଅବସରରେ ନିଆଳି ବ୍ଲକର ଚଳିତବର୍ଷର ମ୍ୟାଟ୍ରିକ୍ ଟପ୍ପରଙ୍କ ସମେତ ବହୁ କୃତୀ ବ୍ୟକ୍ତିଙ୍କୁ ମାନାପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ନିମାଇଁ ଚରଣ ସ୍ୱାଇଁ ଧନ୍ୟବାଦ ଦେଇଥିବା ବେଳେ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଓଳାଶୁଣୀ ଯାତ୍ରା ମହୋତ୍ସବ ଓ ଅରକ୍ଷୀତ ଭକ୍ତ ସମ୍ମିଳନୀ



ମାହାଙ୍ଗା,୧୮।୧(ସମିସ): ମାହାଙ୍ଗା ବ୍ଲକ ଲଳିତଗିରିସ୍ଥିତ ଓଳାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି ପକ୍ଷରୁ ଓଳାଶୁଣୀ ଯାତ୍ରା ମହୋତ୍ସବ ଅବସରରେ ଅରକ୍ଷୀତ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପ୍ରଚାର ପ୍ରସାର କମିଟିର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ରୁଦ୍ରନାରାୟଣ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଓଳାଶୁଣୀ ମଠର ମହନ୍ତ ଡ. ନାମାନନ୍ଦ ଦାସ, ମୁଖ୍ୟବକ୍ତା ଭାବେ ଓଳାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟିର ପ୍ରତିଷ୍ଠାତା ନବକିଶୋର ସାମଲ, ସମ୍ମାନିତ ଅତିଥିଭାବେ କବି ଅକ୍ଷୟ ଖଟୁଆ ଓ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବିଜୟଲକ୍ଷ୍ମୀ ସାମଲ ପ୍ରମୁଖ ଯୋଗଦେଇଥିଲେ । ସାମ୍ବାଦିକ ଅର୍ଜନ କୁମାର ସାହୁ ଅତିଥି ପରିଚୟ ଓ ସାମ୍ବାଦିକ ପ୍ରଦୀପ୍ତ ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ସନ୍ଥ ଅରକ୍ଷୀତ ଦାସଙ୍କ ଜୀବନାଦର୍ଶ ଉପରେ ଆଧାରିତ ଭୋଗୀ ହେଲେ ଯୋଗୀ ବକ୍ତୃତା ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ସାମ୍ବାଦିକ ପ୍ରତାପ ସାହୁ ଧନ୍ୟବାଦ ଦେଇଥିଲେ ।

## ସାଲେପୁର ଥାନା ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ



ସାଲେପୁର,୧୮।୧(ସମିସ): ସାଲେପୁର ଆଦର୍ଶ ଥାନା ପକ୍ଷରୁ ମାଛୁଆତିଠାରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହୋଇଯାଇଛି । ସାଲେପୁର ଆରକ୍ଷୀ ଉପଖଣ୍ଡ ଅଧିକ୍ଷକ ବିରଞ୍ଚିନାରାୟଣ ପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପଥପ୍ରାନ୍ତ ସଚେତନତା କାର୍ଯ୍ୟକ୍ରମରେ ହେଡ୍‌କ୍ୱାର୍ଟରର ଡିଏସ୍‌ପି ନିରଞ୍ଜନ ଶବର, ସାବିତ୍ରୀ ଦେବୀ କଲେଜର ଅଧ୍ୟକ୍ଷ ଦେବେନ୍ଦ୍ର ପତି, ସାଲେପୁର ଆଦର୍ଶ ଥାନା ଅଧିକାରୀ ଅନିତା ସାହୁ ହେଲମେଟ୍ ଓ ଚାରିଚକିଆ ଯାନ ଚଳାଉଥିବା ବ୍ୟକ୍ତିମାନେ ସିଟ୍ ବେଲ୍ଟ ବାନ୍ଧିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ନିଶା ସେବନ କରି ଯାନବାହନ ଚଳାଇଲେ ସେମାନଙ୍କ ବିରୁଦ୍ଧରେ ଆଇନ୍‌ରେ କ'ଣ ସବୁ ଦଣ୍ଡବିଧି ବ୍ୟବସ୍ଥା ରହିଛି, ସେ ସଂପର୍କରେ ସଚେତନ କରାଇଥିଲେ । କଟକ-ସାଲେପୁର ରାସ୍ତାରେ ବିନା ହେଲମେଟରେ ମୋଟର ସାଇକେଲ୍ ଚଳାଉଥିବା ଚାଳକମାନଙ୍କୁ ପୁଲିସ ଅଟକାଇ ସେମାନଙ୍କୁ ମାଗଣା ହେଲମେଟ୍ ବଣ୍ଟନ କରିବା ସହିତ ଫୁଲ ଦେଇ ସଡ଼କ ସଚେତନତା ସଂପର୍କରେ ଅବଗତ କରାଇଥିଲେ । ସାବିତ୍ରୀ ଦେବୀ କଲେଜର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଡ଼କ ସୁରକ୍ଷା ଉପରେ ଆଧାରିତ ଏକ ଅଧଘଣ୍ଟିଆ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା । ସାଲେପୁର ଥାନା ଅଫିସର ଶ୍ରଦ୍ଧାଞ୍ଜଳି ସେନାପତି, ଏଏସ୍‌ଆଇ ନୀଳମାଧବ ପଣ୍ଡା ଓ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିଥିବାବେଳେ ସାଲେପୁର ବଜାରର ବିଭିନ୍ନ ବଜାର କମିଟି ସଦସ୍ୟ, ପଥଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

## ■ ବାବା ସୋମନାଥ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ପାଟସୁନ୍ଦରପୁରକୁ ହରାଇ ଜଲ୍ଲାରପୁର ଚାମ୍ପିଅନ



ନିଆଳି,୧୮।୧(ସମିସ): ନିଆଳି ବ୍ଲକ ଅନ୍ତର୍ଗତ ଜଲ୍ଲାରପୁରସ୍ଥିତ ଖେଳପଡିଆରେ ବାବା ସୋମନାଥ ୨୧ତମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ବାବା ସୋମନାଥ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍‌ରେ ପାଟସୁନ୍ଦରପୁର କ୍ରିକେଟ୍ ଟିମ୍‌କୁ ହରାଇ ଜଲ୍ଲାରପୁର ଘରୋଇ ଦଳ ଚାମ୍ପିଅନ୍ ହୋଇଥିବା ଜଣାଯାଇଛି । ପାଟସୁନ୍ଦରପୁର ଟସ୍ ଜିତି ୧୬ ଓଭରରେ ସମସ୍ତ ୱିକେଟ୍ ହରାଇ ୧୫୫ ରନ୍ ସଂଗ୍ରହ କରିଥିଲା । ଜବାବ୍‌ରେ ଜଲ୍ଲାରପୁର ଦଳ ୧୦ ଓଭରରେ ୨ ୱିକେଟ୍ ହରାଇ ୧୫୬ ରନ୍ କରିଥିଲା । ଚାମ୍ପିଅନ୍ ଦଳର ରାକେଶ୍ ସ୍ୱାଇଁ ୩୮ ବଲ୍‌ରୁ ୮୮ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ସାଗର ବାରିକ୍ ତିନୋଟି ମ୍ୟାଚରୁ ୧୨୮ ରନ୍ କରି ମ୍ୟାନ୍ ଅଫ୍ ସିରିଜ୍ ହୋଇଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପି ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ଚାମ୍ପିଅନ୍ ଦଳକୁ ନଗଦ ୨୬,୫୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସ ଅପ୍ ଦଳକୁ ୨୦,୫୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ଫାଇନାଲ୍ ମ୍ୟାଚ୍‌କୁ ଜ୍ୟୋତିରଞ୍ଜନ ବାରିକ୍ ଓ ଦିନବନ୍ଧୁ ବାରିକ୍ ପରିଚାଳନା କରିଥିବା ବେଳେ ଟୁର୍ଣ୍ଣାମେଣ୍ଟକୁ ରାକେଶ ନାୟକ, ଅନନ୍ତ ସ୍ୱାଇଁ, ଶରତ ସ୍ୱାଇଁ, ଲୋକନାଥ ମିଶ୍ର, ଜ୍ୟୋତିରଞ୍ଜନ ସ୍ୱାଇଁ, ବିନୋଦ ରାଉତ, ସୋମେନ୍ ବେହେରା ସହଯୋଗ କରିଥିଲେ ।

## ମାଟିରେ ମିଶିଲା କଇରାପାରି ମାର୍କେଟ୍



ଟାଙ୍ଗୀ,୧୮।୧(ସମିସ): ଜାତୀୟ ରାଜପଥ ଅବରୋଧକରି ଅନେକ ଦୋକାନବଜାର ଗଢ଼ି ଉଠିଛି । ଏପରିକି ଦେବଦେବୀ ମନ୍ଦିର ଗଢିଉଠିଛି । ଏହାକୁ ଦୃଷ୍ଟିରେ ରଖି ଜାତୀୟ ରାଜପଥ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ ପୂର୍ବକ ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରିଛି । ତଦନୁଯାୟୀ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ଟାଙ୍ଗୀ ବସ୍ ଷ୍ଟାଣ୍ଡ ତଥା କଏରାପାରି ମାର୍କେଟ୍‌ରେ ବୁଲଡ଼ୋଜର ବୁଲିଛି । ଫଳରେ ଚା' ପାନ, ଜଳଖିଆ ଓ ଛୋଟ ହୋଟେଲ କରି ଜୀବିକା ନିର୍ବାହ କରୁଥିବା ୫୦ରୁ ଉର୍ଦ୍ଧ୍ୱ ଦୋକାନୀ ବେସାହାରା ପାଲଟିଛନ୍ତି । ଦୋକାନଗୁଡ଼ିକ ମାଟିରେ ମିଶିଯାଇଥିବାରୁ ବ୍ୟବହୃତ ସମଗ୍ର ଜିନିଷ କବାଡ଼ିଆ ସାମଗ୍ରୀ ପାଲଟିଯାଇଛି । ରବିବାର ପୂର୍ବାହ୍ନରେ ଆରମ୍ଭ ହୋଇଥିବା ଉକ୍ତ ଅଭିଯାନରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସମେତ ଅତିରିକ୍ତ ତହସିଲଦାର ଓ ପୁଲିସ ସାମିଲ ହୋଇଥିଲେ । ଜାତୀୟ ରାଜପଥର ଟାଙ୍ଗୀ ଥାନା ପଶୁପତି ଗଡ଼ାଠାରୁ ବଇଁଚୁଆ ମଧ୍ୟରେ ରହିଥିବା ସମସ୍ତ ଜବରଦଖଲ ଉଚ୍ଛେଦ ନିମନ୍ତେ ରବିବାର ନିଷ୍ପତ୍ତି ଗ୍ରହଣ କରାଯାଇଥିବାବେଳେ ଏହି ଧାରା ଜାରି ରହିବ ବୋଲି ଜାଣିବାକୁ ମିଳିଛି ।

## ■ ଲକ୍ଷ୍ମୀଧର ମେମୋରିଆଲ କ୍ରିକେଟ

# ଛତିଆକୁ ହରାଇ କିଆଁଝର ସେମିରେ

ତିଗିରିଆ,୧୮।୧(ସମିସ): ତିଗିରିଆ ବ୍ଲକ ସୋମପଡା ପଞ୍ଚାୟତ ଚବକା ଖେଳ ପଡ଼ିଆରେ ଆଜି ପ୍ରଥମ ଲକ୍ଷ୍ମୀଧର ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଲିଟିଲ ଷ୍ଟାର କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ଆଜିର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ପିସିସି ଛତିଆକୁ ୮ ୱିକେଟରେ ହରାଇ ଢେଙ୍କାନାଳର କିଆଁଝର ଏସଏମସିସି କ୍ରିକେଟ କ୍ଲବ ସେମିଫାଇନାଲକୁ ପ୍ରବେଶ କରିଛି । ବିଜୟୀ କିଆଁଝର ଦଳର ଦିପୁନ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ଅତିଥିଭାବେ ସମାଜସେବୀ ବିପୀନ ବିହାରୀ ସାମନ୍ତରାୟ, ଆଇନଜୀବୀ ରଘୁନାଥ ଦାଶ, ସମାଜସେବୀ ସନାତନ ପଣ୍ଡା ଖେଳକୁ ଉଦଘାଟନ କରିଥିଲେ । ଖେଳକୁ ସଲିପ ସାମନ୍ତରାୟ ଓ ସୁବାସଚନ୍ଦ୍ର ରଣା ପରିଚାଳନା କରିଥିଲେ । ଦେବାଶିଷ ମହାନ୍ତି ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ ।



# କୋଟସାହି ଧାନମଣ୍ଡି ଉଦ୍‌ଘାଟିତ



## କଟନୀଛଟନୀକୁ ନେଇ ମୁହଁ ଖୋଲୁନାହାଁନ୍ତି ଚାଷୀ

ଟାଙ୍ଗୀ,୧୮।୧(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀସ୍ଥିତ କୋଟସାହି ପ୍ରାଥମିକ ସେବା ସମିତି ପକ୍ଷରୁ ରବିବାର ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି । ସଭାପତି ନିଂଳେନ୍ଦ୍ର ନାୟକଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ବିଜେଡି ସଂଗଠକ ଆଶିଷ ଷଡ଼ଙ୍ଗୀ, ଲକ୍ଷ୍ମୀନାରାୟଣ ଦାଶ, ପରମଜିତ ମହାନ୍ତି ଓ ଶ୍ରୀକାନ୍ତ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଉଭୟ କୋଟସାହି ଓ ଉଚ୍ଚପଦା ପଞ୍ଚାୟତ ଚାଷୀଙ୍କୁ ନେଇ ଗଢ଼ି ଉଠିଥିବା ଉକ୍ତ ସମବାୟ ସମିତି ଅଧୀନରେ ଚଳିତବର୍ଷ ୭୦୨ ଜଣ ଚାଷୀ ନାମ ପଞ୍ଜିକୃତ କରିଥିବାବେଳେ ପ୍ରଥମ ଦିବସରେ ୭ ଶହ କ୍ୱିଣ୍ଟାଲ ଧାନ ସଂଗୃହୀତ ହୋଇଥିବା ସଂପାଦିକା ଶ୍ୱେତା ସୁଚରିତା ଦାସ ସୂଚନା ଦେଇଛନ୍ତି । କ୍ୱିଣ୍ଟାଲ ପିଛା ପ୍ରାୟ ୫ କିଲୋ ଧାନ କଟନୀ ଛଟନୀ କରାଯାଉଥିଲେ ହେଁ ୮୦୦ ଟଙ୍କା ବୋନସ୍ ଯୋଗୁଁ ଗଣମାଧ୍ୟମରେ ମୁହଁ ଖୋଲିବାକୁ କୌଣସି ଚାଷୀ ରାଜି ନ ହେବା ଚର୍ଚ୍ଚାକୁ ଆସିଛି ।

# ଧାକୁଲେଇଙ୍କ ପୀଠରେ ସ୍ୱର୍ଣ୍ଣ ଧନୁଷ୍‌କୁ ସ୍ୱାଗତ



ଫୁଲନଖରା,୧୮।୧(ସମିସ): ଚଳିତ ମାସ ୨୨ ତାରିଖରେ ଅଯୋଧ୍ୟା ଶ୍ରୀରାମ ମନ୍ଦିରର ପ୍ରତିଷ୍ଠା ଦିବସ ଅବସରରେ ସନାତନି ଜାଗରଣ ମଞ୍ଚ, ରାଉରକେଲା ପକ୍ଷରୁ ନିର୍ମିତ ସ୍ୱର୍ଣ୍ଣ ଧନୁଷକୁ ରାମଲାଲାଙ୍କ ପାଖରେ ସମର୍ପିତ ହେବ । ଏହି ସ୍ୱର୍ଣ୍ଣ ଧନୁଷ ସମଗ୍ର ଓଡ଼ିଶାର ସବୁ ଶକ୍ତିପୀଠ ପରିକ୍ରମା କରିବା ଅବସରରେ ଗତ ଶନିବାର ମଧ୍ୟରାତ୍ରରେ ପ୍ରତାପନଗରୀସ୍ଥିତ ମା' ଧାକୁଲେଇଙ୍କ ପୀଠସ୍ଥଳରେ ପହଞ୍ଚିଥିଲା । ମା' ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ପ୍ରମୋଦ ସ୍ୱାଇଁ, ସଂପାଦକ ପ୍ରମୋଦ ବେହେରା, ବାଦଲ ଜେନାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଯୁବଗୋଷ୍ଠୀ ସ୍ୱର୍ଣ୍ଣ ଧନୁଷ ଶୋଭାଯାତ୍ରାକୁ ଜାତୀୟ ରାଜପଥ ପାର୍ଶ୍ୱରୁ ମନ୍ଦିର ପରିସରକୁ ପାଛୋଟି ଆଣିଥିଲେ ।

## ୩୫ତମ ଗଦାଧରପୁର କପ୍ କ୍ରିକେଟ

# ଜଗଦୀଶ ୱାରିୟର ଚାମ୍ପିଅନ

ତିଗିରିଆ,୧୮।୧(ସମିସ): ତିଗିରିଆ ବ୍ଲକ ଗଦାଧରପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ମା' ଭବାନୀ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୫ତମ ଗଦାଧରପୁର କପ ଓ ଦ୍ୱିତୀୟ ହେମନ୍ତ ସ୍ୱାଇଁ ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଜଗତସିଂହପୁରର ବିଏନସିସି କ୍ରିକେଟ କ୍ଲବକୁ ୬ ୱିକେଟରେ ପରାସ୍ତ କରି କଟକର ଜଗଦୀଶ ୱାରିୟର କ୍ରିକେଟ କ୍ଲବ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ପ୍ରଥମେ ବ୍ୟାଟିଂ କରି ଜଗତସିଂହପୁର ଦଳ ନିର୍ଦ୍ଧାରିତ ୨୦ ଓଭର ପୂର୍ବରୁ ୧୯.୫ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୬୭ ରନ ସଂଗ୍ରହ କରିଥିଲେ । ଜବାବରେ କଟକ ଦଳ ମାତ୍ର ୧୨ ଓଭରରେ ୪ଟି ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିଥିଲେ । ବ୍ୟାଟିଂରେ ବିଜୟୀ କଟକ ଦଳର ଖେଳାଳୀ ପ୍ରଦୀପ ରାଉତ ୨୪ଟି ବଲରୁ ବିସ୍ଫୋରକ ୮୫ ରନ ସଂଗ୍ରହ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ଆଜିର ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି କଟକ ଦଳର ଖେଳାଳୀ ତପେନ୍ଦ୍ର ସିଂହଙ୍କୁ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଅଟଳକୋଟ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୌରହରି ପ୍ରଧାନ, ମୁଖ୍ୟବକ୍ତା ଭାବେ ୧୫ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ରାଉତ ଯୋଗଦେଇଥିଲେ । ସମ୍ମାନିତ ଅତିଥିଭାବେ ଜଗତପୁରର ବରିଷ୍ଠ ସମାଜସେବୀ ହିମାଂଶୁ ଶେଖର ମହାନ୍ତି, ଗଦାଧରପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଶରତ ସ୍ୱାଇଁ, ପୂର୍ବତନ ସରପଞ୍ଚ ମେହେବୁବ ଅହମ୍ମଦ ଖାଁ, ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ବିନ୍ଧାଣିମା ସରପଞ୍ଚ ପ୍ରତିନିଧି ମାନସ ରଞ୍ଜନ ଜେନା, ଗଦାଧରପୁର ଗ୍ରାମ୍ୟ କମିଟି ସଭାପତି ଧନେଶ୍ୱର ସ୍ୱାଇଁ, ସାମ୍ବାଦିକ ଚନ୍ଦ୍ରଶେଖର ମିଶ୍ର, ସୁଦାମ ରାଉତ, ରମେଶ ସ୍ୱାଇଁ, ବିଜୟ ସ୍ୱାଇଁ, ଧୀରେନ୍ଦ୍ର ସ୍ୱାଇଁ, ସେନା କର୍ମଚାରୀ ତ୍ରିଲୋଚନ ସ୍ୱାଇଁ, ଲଳିତ ମୋହନ ପଣ୍ଡା, କୁନାଲ ରାଉତ, ସନ୍ତୋଷ ଦଳେଇ, ସୁନୀଲ ପଲାଇ, ସଞ୍ଜୟ କୁମାର ଭଟ୍ଟ ପ୍ରମୁଖ ଯୋଗ ଦେଇଥିଲେ ।



## ଡିଜେ ସାଉଣ୍ଡରେ ମୃତ୍ୟୁ ଘଟଣା

# ଡିଜେ ଗାଡ଼ି ଜବତ; ଅପରେଟର ଗିରଫ

ତିଗିରିଆ,୧୮।୧(ସମିସ): ତିଗିରିଆ ଥାନା ନୂଆପାଟଣା ପଞ୍ଚାୟତ ଅଧୀନ ସୁରେନ୍ଦ୍ରପାଟଣା ଗ୍ରାମର ବାସିନ୍ଦା ଲକ୍ଷ୍ମୀଧର ଚନ୍ଦଙ୍କର ଗତ ଶୁକ୍ରବାର ସନ୍ଧ୍ୟାରେ ଡିଜେ ଗାଡିର ଉଚ୍ଚ ଶବ୍ଦ କାରଣରୁ ମୃତ୍ୟୁ ହୋଇଥିଲା । ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ହେମନ୍ତ ସାହୁଙ୍କର ପୁତ୍ର ବିବାହ ନିମନ୍ତେ ଭଡ଼ାରେ ଆସିଥିବା ଏହି ଡିଜେ ଗାଡିର ଶବ୍ଦରେ କୌଣସି କାର୍ଯ୍ୟ ନେଇ ବଜାରକୁ ଆସିଥିବା ଲକ୍ଷ୍ମୀଧର ଟଳି ପଡ଼ିଥିଲେ । ସ୍ଥାନୀୟ ଜନସାଧାରଣ ଲକ୍ଷ୍ମୀଧରଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।




ଏହି ଘଟଣାରେ ଲକ୍ଷ୍ମୀଧରଙ୍କ ପରିବାରକୁ ସରକାରୀ ସହାୟତା, ଡିଜେ ଭଡା ସୂତ୍ରରେ ଆଣିଥିବା ହେମନ୍ତ ସାହୁ ଓ ଡିଜେ ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ ଆଗାମୀ ଦିନରେ ନୂଆପାଟଣା ଅଞ୍ଚଳରେ ଡିଜେକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଭର ପ୍ରତିଶ୍ରୁତି ଦାବିରେ ଏହି ରାସ୍ତାରୋକ କରାଯାଇଥିଲା । ଘଟଣାସ୍ଥଳରେ ବିଭିନ୍ନ ପ୍ରଶାସନିକ ଅଧିକାରୀ ତଥା ଭଦ୍ରଲୋକ ପହଞ୍ଚି ଏ ସମ୍ପର୍କିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା । ଆଜି ତିଗିରିଆ ପୁଲିସ ପକ୍ଷରୁ ତ୍ୱରିତ ପଦକ୍ଷେପ ସ୍ୱରୂପ ଅନୁଗୁଳ ଅଞ୍ଚଳରୁ ଡିଜେ ଗାଡିକୁ ଯବତ କରାଯିବା ସହ ଡିଜେ ଗାଡିର ଅପରେଟରକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରିୟଦର୍ଶିନୀ ଇପ୍ସିତା ସୂଚନା ଦେଇଛନ୍ତି । ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି ।

